ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

ଭୁବନେଶ୍ୱର ଓ କେନ୍ଦୁଝରରୁ ଏକ ସଙ୍ଗେ ପ୍ରକାଶିତ

DUMANI TV

Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୧୫୫ | ଗୁରୁବାର | ୪ ସେପ୍ଟେମ୍ବର ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-155 | Thursday | 4 September 2025 | Bhubaneswar | Pages-8 | Rs. 2.00

## ସେମିକନ୍ ଇଣ୍ଡିଆ ୨୦୨୫ରେ ଅଗ୍ରଣୀ ସିଇଓଙ୍କ ସହ ମତବିନିମୟ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୩।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପର ଅଗ୍ରଣୀ ସିଇଓଙ୍କ ସହିତ ମତ ବିନିମୟ କରିଛନ୍ତି। ଶ୍ରୀ ମୋଦି କହିଛନ୍ତି, 'ଏହି କ୍ଷେତ୍ରରେ ଭାରତର ନିରନ୍ତର ସଂସ୍କାର ଯାତ୍ରା ବିଷୟରେ ମୁଁ କଥା ହୋଇଛି। ଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ନବୋନ୍ମେଷ ସହିତ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ବିଷୟ ଆଲୋଚନାରେ ସାମିଲ ଥିଲା।' ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି, 'ଆଜି ଦିନର ପ୍ରାରମ୍ଭରେ, ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପର ଅଗ୍ରଣୀ ସିଇଓଙ୍କ ସହିତ ମତ ବିନିମୟ କଲି। ଭାରତର ସମ୍ଭାବନା ଉପରେ ସେମାନଙ୍କର ଆତ୍ମବିଶ୍ୱାସ ସ୍ପଷ୍ଟ ରୂପେ ପ୍ରତିଫଳିତ ହେଉଛି ଏବଂ ଭାରତକୁ ବିଶ୍ୱ ସେମିକଣ୍ଡକ୍ଟର ନବୋନ୍ମେଷ ଏବଂ ଉତ୍ପାଦନର ଏକ ଅଗ୍ରଣୀ କେନ୍ଦ୍ର ଭାବେ ସେମାନେ ଭାରତରେ ବଡ଼ ନିବେଶ କରିବା ଲାଗି ପ୍ରସ୍ତୁତ। ଏହି କ୍ଷେତ୍ରରେ ଭାରତର ନିରନ୍ତର ସଂସ୍କାର ଯାତ୍ରା ବିଷୟରେ ମୁଁ କଥା ହୋଇଛି। ଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ନବୋନ୍ମେଷ ସହିତ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ବିଷୟ ଆଲୋଚନାରେ ସାମିଲ ଥିଲା।'

## ଇସ୍ରାଏଲ ଲଞ୍ଚ କଲା ଗୁଇନ୍ଦା ସାଟେଲାଇଟ୍, ୨୪ ଘଣ୍ଟା ଶତ୍ରୁ ଉପରେ ରଖିବ ନଜର



ନୂଆଦିଲ୍ଲୀ, ୩।୯ (ହି.ସ): ଇସ୍ରାଏଲ ନିଜର ଗୁଇନ୍ଦା ସାଟେଲାଇଟ୍ 'ଅଫେକ ୧୯'କୁ ମଙ୍ଗଳବାର ବିଳମ୍ବିତ ରାତିରେ ମହାକାଶକୁ ସଫଳତାର ସହ ଲଞ୍ଚ କରିଛି। ପ୍ରାରମ୍ଭିକ ସୂଚନା ଅନୁସାରେ, ଏହି ସାଟେଲାଇଟ୍ ଯୋଜନା ଅନୁସାରେ କାମ କରୁଛି। ଏହା ସହାୟତାରେ ଇସ୍ରାଏଲ ଶତ୍ରୁ ଉପରେ ନଜର ରଖିପାରିବ ଓ ପ୍ରତି ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖିବ। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ବୁଧବାର କହିଛନ୍ତି, ଇସ୍ରାଏଲ ପକ୍ଷରୁ ଅର୍ବିଟରେ ଲଞ୍ଚ କରାଯାଇଛି। ଗୁଇନ୍ଦା ସାଟେଲାଇଟ୍ ଏହାର ଶତ୍ରୁଙ୍କ ପାଇଁ ଏକ ଖାସ୍ 'ବାର୍ତ୍ତା' ଦେଇଛି। ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ କାଟଜ୍ ଏକ୍ସରେ ଲେଖିଛନ୍ତି, କାଲି ଅଫେକ୍ ୧୯ ଉପଗ୍ରହର ଉତ୍କ୍ଷେପଣ ସର୍ବୋଚ୍ଚ ବିଶ୍ୱସ୍ତରୀୟ ସଫଳତା। କିଛି ଦେଶ ନିକଟରେ ଏହି କ୍ଷମତା ରହିଛି। ଏହା ଆମର ସବୁ ଶତ୍ରୁଙ୍କ ପାଇଁ ଏକ ବଡ଼ ବାର୍ତ୍ତା। ସେମାନେ ଯେ କେହି ବି ହୋଇଥାନ୍ତୁ, ଆମେ ପ୍ରତି ସମୟ ଓ ପ୍ରତି ସ୍ଥିତି ଉପରେ ନଜର ରଖିଛୁ।' ଏହି ସାଟେଲାଇଟ୍ ଇସ୍ରାଏଲ ଓ ଇରାନ ଭିତରେ ୧୨ ଦିନ ଧରି ଚାଲିଥିବା ଯୁଦ୍ଧକୁ ୨ ମାସ ପରେ ଲଞ୍ଚ କରାଯାଇଛି। ଏହି ସମୟରେ ଇସ୍ରାଏଲ ୧୦୦୦ କିଲୋମିଟରରୁ ଅଧିକ ଦୂରରୁ ଇରାନର ପରମାଣୁ ୟୁନିଟ୍ ଉପରେ ଆକ୍ରମଣ କରିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁସନ୍ଧାନ ଏବଂ ବିକାଶ ନିର୍ଦ୍ଦେଶାଳୟର ମୁଖ୍ୟ ଡାନିୟଲ ଗୋଲ୍ଡଙ୍କ କହିବା ଅନୁସାରେ, ଆକ୍ରମଣକୁ ନିର୍ଦ୍ଦେଶିତ କରିବା ପାଇଁ ଇରାନ କ୍ଷେତ୍ରକୁ ୧୨,୦୦୦ରୁ ଅଧିକ ଉପଗ୍ରହ ଫଟୋ ଏକତ୍ର କରାଯାଇଥିଲା।

## 'ଭାରତ ଟାରିଫରେ ଆମକୁ ହତ୍ୟା କରୁଛି'

ନୂଆଦିଲ୍ଲୀ, ୩।୯ (ହି.ସ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ବାରମ୍ବାର ବାଣିଜ୍ୟ ଚୁକ୍ତି ପାଇଁ ଧମକାଇବା ନୀତି ଉପରେ ଜୋର ଦେଉଛନ୍ତି। ସେ ଭାରତକୁ ବିଶ୍ୱର ସବୁଠାରୁ ଅଧିକ ଟାରିଫଯୁକ୍ତ ଦେଶ କହିଛନ୍ତି ଏବଂ ନୂଆଦିଲ୍ଲୀ କୌଣସି ଟାରିଫ୍ ଲାଗୁ ନ କରିବାର ପ୍ରସ୍ତାବ ଦେଇଛି ବୋଲି ପୁନରାବୃତ୍ତି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଭାରତ, ଚାଇନା ଓ ବ୍ରାଜିଲ୍ ଭଳି ଦେଶଗୁଡ଼ିକ ଆମକୁ ଟାରିଫରେ ହତ୍ୟା କରୁଛନ୍ତି। ଦି 'ସ୍କଟ୍ ଜେନିଙ୍ଗ୍ସ ରେଡିଓ ଶୋ'ରେ କଥା ହେବା ସମୟରେ ଟ୍ରମ୍ପ କହିଛନ୍ତି, ଚାଇନା ଟାରିଫରେ ଆମକୁ ହତ୍ୟା କରୁଛି, ଭାରତ ଟାରିଫରେ ଆମକୁ ହତ୍ୟା କରୁଛି, ବ୍ରାଜିଲ୍ ଟାରିଫରେ ଆମକୁ ହତ୍ୟା କରୁଛି। ମୁଁ ଟାରିଫକୁ ସେମାନଙ୍କଠାରୁ ଭଲ ବୁଝିଛି, ମୁଁ ବିଶ୍ୱର ଯେକୌଣସି ମାନବଙ୍କଠାରୁ ଟାରିଫକୁ ଭଲ ବୁଝିଛି। ଭାରତ ବିଶ୍ୱର ସବୁଠାରୁ ଅଧିକ ଟାରିଫଯୁକ୍ତ ଦେଶ ଥିଲା, ଆଉ ଜାଣିପାରିବା ପରେ, ସେମାନେ ଏବେ ମୋତେ ଭାରତରେ ବିନା ଟାରିଫରେ ବ୍ୟବସାୟ ପାଇଁ କହୁଛନ୍ତି। ଯଦି ମୋ ପାଖରେ ଟାରିଫ୍ ନଥାଏ, ସେମାନେ କେବେ ଏହି ପ୍ରସ୍ତାବ କରିବେ ନାହିଁ। ତେଣୁ ଟାରିଫ୍ ରଖିବାକୁ ପଡ଼ିବ, ଟ୍ରମ୍ପ ଦାବି କରିଛନ୍ତି। ସେ କହିଛନ୍ତି ଯେ ଟାରିଫ୍ ଆମେରିକାକୁ ଅସାଧାରଣ ଆଲୋଚନା ଶକ୍ତି ପ୍ରଦାନ କରିଛି। ରିପବ୍ଲିକାନ୍ ନେତା, ଯିଏ ଟାରିଫକୁ ତାଙ୍କ ଅର୍ଥନୈତିକ ଓ ବାହ୍ୟ ନୀତିର ମୁଖ୍ୟ ଅଂଶ କରିଛନ୍ତି, ଗତ କିଛି ସପ୍ତାହରେ ଭାରତ କୌଣସି ଟାରିଫ୍ ଲାଗୁ କରିବ ନାହିଁ ଦାବିକୁ ବହୁତ ଥର ପୁନରାବୃତ୍ତି କରିଛନ୍ତି। ସୋସିଆଲ୍ ମିଡିଆରେ ସେ ଭାରତ ସହ ବାଣିଜ୍ୟକୁ ସମ୍ପୂର୍ଣ୍ଣ ଏକପାର୍ଶ୍ୱିକ ବିପଦ କହି ବର୍ଣ୍ଣନା କରିଛନ୍ତି, ଦାବି କରିଛନ୍ତି ଯେ ଭାରତ ଆମକୁ ବିପୁଳ ପରିମାଣରେ ସାମଗ୍ରୀ ବିକ୍ରି କରୁଛି, ସେମାନଙ୍କର ସବୁଠାରୁ ବଡ଼ 'କ୍ଲାଏଣ୍ଟ', କିନ୍ତୁ ଆମେ ସେମାନଙ୍କୁ ବହୁତ କମ ଜିନିଷ ବିକ୍ରି କରୁଛୁ।

## ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ: କମିଲା ଜିଏସଟି ହାର



ନୂଆଦିଲ୍ଲୀ, ୩।୯ (ହି.ସ): ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର ୨୦୧୭ ପରେ ଜିଏସଟିର ସବୁଠାରୁ ବଡ଼ ସଂସ୍କାର 'ଜିଏସଟି ୨.୦' ଘୋଷଣା କରିଛନ୍ତି। ଏହି ସରଳୀକୃତ ଦୁଇହାର ଗଠନ (୫% ଓ ୧୮%) ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଓ ଅଟୋମୋବାଇଲର ଦାମ୍ ହ୍ରାସ କରିବ, ଯେତେବେଳେ ସୌଖୀନ ଓ ତମାଖୁ ଜାତୀୟ ଦ୍ରବ୍ୟ ପାଇଁ ୪୦% ନୂଆ ଟିକସ ସ୍ଲାବ୍ ପ୍ରବର୍ତ୍ତନ ହୋଇଛି। ସୀତାରମଣ କହିଛନ୍ତି, ଏହି ସଂସ୍କାର ସମ୍ମତି ସହ କରାଯାଇଛି। ଏବେ ଦୁଇଟି ମୁଖ୍ୟ ସ୍ଲାବ୍ ରହିବ ଏବଂ କମ୍ପେନସେସନ୍ ସେସ୍ ସମସ୍ୟାର ସମାଧାନ କରାଯାଉଛି। ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ: ଚୁଟି ତେଲ, ସାବୁନ, ଶାମ୍ପୁ, ଟୁଥପେଷ୍ଟ ଓ ସାଇକେଲ୍ ଏବେ ୧୮%ରୁ ୫% ଟିକସ ଦେବ। କ୍ଷୀର, ପନୀର ଓ ଭାରତୀୟ ରୁଟି ଜିଏସଟିରୁ ମୁକ୍ତ, ଅର୍ଥାତ ୫%ରୁ ଶୂନ୍ୟ। ନମକୀନ, ଭୁଜିଆ, ସସ୍, ପାସ୍ତା, କର୍ଣ୍ଣଫ୍ଲେକ୍ସ, ମାଖନ ଓ ଘିଅ ଏବେ ୫% ସ୍ଲାବରେ। ୩୩ଟି ଜୀବନ ରକ୍ଷାକାରୀ ଔଷଧ ୧୨%ରୁ ଶୂନ୍ୟ ଏବଂ ଚଷମା ଓ ଗଗଲ୍ସ ୨୮%ରୁ ୫% ଟିକସ ଦେବ। ଅଟୋମୋବାଇଲ୍ ଓ ଗୃହ ନିର୍ମାଣରେ ରିହାତି: ସିମେଣ୍ଟର ଟିକସ ୨୮%ରୁ ୧୮% ହେବ। ୩୫୦ ସିସିରୁ କମ୍ ମୋଟରସାଇକେଲ, ତିନିଚକିଆ ଓ ଛୋଟ କାର ୨୮%ରୁ ୧୮% ଏବଂ ବସ୍, ଟ୍ରକ୍ ଓ ଆମ୍ବୁଲାନ୍ସ ମଧ୍ୟ ୧୮% ସ୍ଲାବରେ। ସମସ୍ତ ଅଟୋ ପାର୍ଟସ୍ ଏକୀକୃତ ୧୮% ଟିକସ ଦେବ। ସୌଖୀନ ଦ୍ରବ୍ୟରେ ୪୦% ଟିକସ: ପାନ ମସଲା, ସିଗାରେଟ, ଗୁଟଖା, ଚିନିଯୁକ୍ତ ଏରେଟେଡ୍ ଜଳ, କ୍ୟାଫେନେଟେଡ୍ ଓ ଫଳଭିତ୍ତିକ ପାନୀୟ ଏବଂ ମାଧ୍ୟମ ଓ ବଡ଼ କାର, ୩୫୦ ସିସି ଉପରେ ମୋଟରସାଇକେଲ, ୟାଟ୍ ଓ ବ୍ୟକ୍ତିଗତ ବିମାନ ଉପରେ ୪୦% 'ସିନ୍ ଟ୍ୟାକ୍ସ' ଲାଗୁ ହେବ। ହସ୍ତଶିଳ୍ପ ଓ ମୁଖ୍ୟ ଶିଳ୍ପକୁ ପ୍ରୋତ୍ସାହନ: ହସ୍ତଶିଳ୍ପ, ମାର୍ବଲ, ଗ୍ରାନାଇଟ୍ ବ୍ଲକ୍ ଓ ଚମଡ଼ା ମଧ୍ୟବର୍ତ୍ତୀ ସାମଗ୍ରୀରେ ଟିକସ ୧୨%ରୁ ୫% ହେବ। ନାଚୁରାଲ୍ ମେନ୍ଥଲ୍ ମଧ୍ୟ ୫% ସ୍ଲାବରେ। ଏହି 'ଜିଏସଟି ୨.୦' ମୂଲ୍ୟବୃଦ୍ଧି ନିୟନ୍ତ୍ରଣ, ଗ୍ରାହକ ଚାହିଦା ବଢ଼ାଇବ ଓ ଗୃହ ନିର୍ମାଣ, ଅଟୋ ଓ ଏଫ୍ଏମସିଜି ଶିଳ୍ପକୁ ରିହାତି ଦେବ। ତଥାପି, ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ବଡ଼ ଧରଣର ଟିକସ ହ୍ରାସ ଆୟ ଉପରେ ପ୍ରଭାବ ପକାଇପାରେ, ଯଦି ସେସ୍ ଆଦାୟ ବା ଅନୁପାଳନ ମାଧ୍ୟମରେ କ୍ଷତିପୂରଣ ନ ହୁଏ।

## ମନ୍ତ୍ରୀ ମଣ୍ଡଳ ଅଦଳବଦଳ କାଉଣ୍ଟ ଡାଉନ ଆରମ୍ଭ

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଏବଂ ସଭାପତି



ଭୁବନେଶ୍ୱର, ୩।୯ (ହି.ସ): କେବେ ଓଡିଶା ମନ୍ତ୍ରୀମଣ୍ଡଳ ଅଦଳବଦଳ ହେବ ସେ ନେଇ ଚର୍ଚ୍ଚା ଲାଗି ରହିଛି। ବିଭିନ୍ନ ସମୟରେ ଏ ନେଇ ରାଜ୍ୟ ତଥା କେନ୍ଦ୍ରୀୟ ନେତାମାନେ ଆଲୋଚନା କରିଯାଉଛନ୍ତି। ହେଲେ ମନ୍ତ୍ରୀ ମଣ୍ଡଳ ଅଦଳବଦଳ ହୋଇପାରୁ ନାହିଁ। ତେବେ ବିଭିନ୍ନ ସମୟରେ ବିଜେପି ସରକାର ଏହାକୁ ନେଇ ସମାଲୋଚିତ ହେବା ପରେ ବର୍ତ୍ତମାନ କୁଆଡେ ସବୁ କିଛି ଚୁଡାନ୍ତ ହୋଇଯାଇଛି ବୋଲି ଜଣାପଡିଛି। ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକାଠି କଥା ହେବା ପରେ ଏହି ତାଲିକା ଚୁଡାନ୍ତ ହୋଇଥିବ ବୋଲି ଅନୁମାନ କରାଯାଉଛି। ତେଣୁ ଏହାର କେନ୍ଦ୍ରୀୟ ଅନୁମୋଦନ ପାଇଁ ବର୍ତ୍ତମାନ ଦିଲ୍ଲୀରେ ଡେରା ପକାଇଛନ୍ତି ସଭାପତି ମନମୋହନ • ପୃଷ୍ଠା ୭ ଦେଖନ୍ତୁ...

### ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ

## ଶ୍ରୀମନ୍ଦିର ସୁରକ୍ଷା, ଗବେଷଣା ଓ ଧାଡି ଦର୍ଶନ ସମ୍ପର୍କରେ ଆଲୋଚନା



ପୁରୀ, ୩।୯ (ହି.ସ): ନିଳାଦ୍ରୀ ଭକ୍ତ ନିବାସ ଠାରେ ବୁଧବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯିବା ସହ ବୈଠକ ଅନୁଷ୍ଠିତ ହୋଇଥିଯାଇଛି । କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକରେ ଶ୍ରୀମନ୍ଦିର ସୁରକ୍ଷା, ସବକମିଟି ଗଠନ, ତତ୍ତ୍ୱ ଓ ଗବେଷଣା, ସେବକ କଲ୍ୟାଣ, ଜମିଜମା ସମସ୍ୟା, ନୀତି ସମନ୍ୱୟ, ଧାଡି ଦର୍ଶନ ଓ ଅଦିନିଆ ରଥଯାତ୍ରା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ନୂତନ ଭାବେ ଏକ ସବକମିଟି ଗଠନ କରାଯାଇଛି । ନୂଆ କମିଟିକୁ ପାଂଚ ଜଣ ସେବକ ମନୋନୀତ ହୋଇଛନ୍ତି । ରଥଯାତ୍ରାର ବିଭିନ୍ନ ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହୋଇଥିଲା । ନୂଆ କମିଟିର ପ୍ରଥମ ବୈଠକରେ ୧୪ଟି ସବକମିଟି ଗଠନ ହୋଇଛି । ଅର୍ଥ,ନୀତି, ରତ୍ନଭଣ୍ଡାର, ଅପିଲ, ତତ୍ତ୍ୱ ଗବେଷଣା,ସେବକ କଲ୍ୟାଣ, ଲ୍ୟାଣ୍ଡ, ପ୍ରକଳ୍ପ ବୈଷୟିକ, ପ୍ରକଳ୍ପ ସାଂସ୍କୃତିକ, ଏଷ୍ଟାବିଲସମେଣ୍ଟ ଏଥିସହ ଅନ୍ୟାନ୍ୟ ସବକମିଟି ଗଠନ କରାଯାଇଛି । ବିଶେଷକରି ନାଟମଣ୍ଡପ ଠାରେ ଧାଡି ଦର୍ଶନକୁ ନେଇ ଅଧିକ ସମୟ ଆଲୋଚନା ହୋଇଥିଲା । ପରୀକ୍ଷା ମୂଳକ ଭାବେ କିଛି ଦିନ ଧାଡି ଦର୍ଶନ କରାଯିବ । ନୀତି ଯେପରି ବିଭ୍ରାଟ ନହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବ । ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇ ପରବର୍ତ୍ତି ନିଷ୍ପତ୍ତି ନିଆଯିବ । ଧାଡିରେ ବରିଷ୍ଠ ଭକ୍ତ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯିବ । ଦିବ୍ୟାଙ୍ଗ ଭକ୍ତ ମାନେ ଉତ୍ତରଦ୍ୱାର ରାମ୍ପ ଦେଇ ମନ୍ଦିର ଭିତର ପ୍ରବେଶ କରିବେ । ଏଥିପାଇଁ ସ୍ୱତନ୍ତ୍ର ଏନଜିଓ ସହଯୋଗ କରିବେ । ଅଦିନିଆ ରଥଯାତ୍ରା ସମ୍ପର୍କରେ • ପୃଷ୍ଠା ୭ ଦେଖନ୍ତୁ...

## ଲଘୁଚାପ ପ୍ରଭାବରେ ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୩।୯ (ହି.ସ): ରାଜ୍ୟରେ ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଆଗାମୀ ୨ ଦିନ ଯାଏ ପ୍ରବଳ ଛେଚିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସହ ଉତ୍ତର ଓଡିଶା ଉପକୂଳରେ ଅବସ୍ଥିତ ରହିଛି। ଏହାସହିତ ଜଡ଼ିତ ଘୂର୍ଣ୍ଣିବଳୟ ବି ଦକ୍ଷିଣ ପଶ୍ଚିମ ଦିଗକୁ ଢଳି ରହିଛି। ଲଘୁଚାପ ୨୪ ଘଣ୍ଟା ମଧ୍ୟରେ ଓଡିଶା ଦେଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଗତି କରିବ। ପ୍ରଭାବରେ ଆହୁରୀ ୪୮ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟାରେ ସାରା ରାଜ୍ୟରେ ହାଲୁକାରୁ ମାଧ୍ୟମଧରଣର ବର୍ଷା ଚେତାବନୀ ପାଇଁ ୟେଲୋ ବର୍ଣ୍ଣିଂ ଜାରି ହୋଇଥିବା ବେଳେ କଟକ, ଖୋର୍ଦ୍ଧା , ପୁରୀ ଓ ଜଗତସିଂହପୁର ଏହି ୪ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ପ୍ରବଳ ବର୍ଷା ପାଇଁ ମାଲକାନଗିରି, କୋରାପୁଟ, ଗଂଜାମ, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଏହି ୧୬ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗୁରୁବାର ସାରା ରାଜ୍ୟରେ ବର୍ଷା ହେବାକୁଥିବା ବେଳେ ପ୍ରବଳ ବର୍ଷାକୁ ନେଇ ସମ୍ବଲପୁର, ସୁନ୍ଦରଗଡ ଓ ଝାରସୁଗୁଡା ୩ ଜିଲ୍ଲାରେ ୟେଲୋ ଆଲର୍ଟ ଜାରି ହୋଇଛି। ଏହିସବୁ ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ପବନର ବେଗ ୩୦ରୁ ୪୦ କିମି ରହିପାରେ। ୭ ତାରିଖ ଯାଏଁ ରାଜ୍ୟରେ ବର୍ଷା ଲାଗିରହିବ। ସେପଟେ ମେଘୁଆ ପାଗ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ। ଆହୁରି ୨୪ ଘଣ୍ଟା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଚଳିତ ବର୍ଷ • ପୃଷ୍ଠା ୭ ଦେଖନ୍ତୁ...

## ବେଆଇନ ରେଲୱେ ସାଇଡିଙ୍ଗ କେଳେଙ୍କାରୀ

କେନ୍ଦୁଝର, ୩।୯ (ଡିକେ ନ୍ୟୁଜ୍): ବାଂଶପାଳ ଆଇରନ ଲିମିଟେଡ୍‌ର ବେଆଇନ ରେଲୱେ ସାଇଡିଙ୍ଗ ଜେଏସଡବ୍ଲୁର ଯଯାଙ୍ଗ ଖଣି ଲିଜ ମଧ୍ୟରେ ଚାଲିଛି, ଯାହା ଆଇନସମତ ନୁହଁ। ଏନେଇ ଖଣି ବିଭାଗ ଜାଣି ଥିଲେ ସୁଦ୍ଧା ଅଜଣା। ବିଭାଗର ପଦକ୍ଷେପ କାଗଜ କଲମରେ ସୀମିତ, ପଦକ୍ଷେପ ଶୂନ। ଏହି କେଳାଙ୍କାରୀରେ ଖଣି ବିଭାଗ ଅଧିକାରୀଙ୍କ ସାମିଲ ଏବେ ଚର୍ଚ୍ଚାର ବିଷୟ ହୋଇଛି, କୋଟି କୋଟି ଟଙ୍କାର ବେଆଇନ କାରବାର। ଅଭିଯୋଗର ଅନୁସନ୍ଧାନ ନାହିଁ କି ସମାଧାନ ନାହିଁ। ଚର୍ଚ୍ଚା ହେଉଛି ସରକାର ଦରମା ଦେଲେ ତଥାପି ଲୁଟ, ହେଲେ କେତେ ଦିନ ଚାଲି ଥିବ ଏଭଳି ସରକାରୀ ରାଜସ୍ୱ ଲୁଟ। ଖଣି ଅଧିକାରୀ ହେଉଥିବେ ଲାଭବାନ। କୁହାଯାଉଛି ସରକାର ଏଥିପ୍ରତି ସଜାଗ ହେଉଥିବା ବେଳେ ପଥ ପରିବର୍ତ୍ତନ କରିଦେଉଛନ୍ତି ଅଧିକାରୀ। ଖଣି ମନ୍ତ୍ରୀ ନିଜ ବିଭାଗରେ ବାଡ଼ ଖାଉଛି ଫସଲ ଅଭିଯୋଗର ତଦନ୍ତ କରି ନିର୍ମଳ ଶାସନର ଉଦାହରଣ ସୃଷ୍ଟି କରନ୍ତୁ।

### ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି କେନ୍ଦ୍ର, ଗାଇଡଲାଇନର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

## 'ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଶତପ୍ରତିଶତ ଯତ୍ନ ନେବା'

ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୯ (ପିଆଇବି): ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଯାଇଛି । ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ୱ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ । ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା । ଏହି ଅବସରରେ ଶ୍ରୀ ପ୍ରଧାନ + ୨ ପର୍ଯ୍ୟନ୍ତ ପାଠ ପଢିନଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି ।ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍ । ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ । ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ରାଣ୍ଡ୍ ଇଂଟରନେଟ୍ ସଂଯୋଗ କରାଯିବ । ଆସର୍ ଏବଂ ପରଖ ରିପୋର୍ଟର ସାମ୍ପ୍ରତିକ ତଥ୍ୟାନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି । ଏହି ଅଭୁତପୂର୍ବ ସଫଳତା ଆମର ଅଙ୍ଗନବାଡି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନ । ବର୍ତ୍ତମାନ ସମୟରେ ଆମର ଦାୟିତ୍ୱ ହେଉଛି, ଦେଶର ପ୍ରାୟ ୧୫ କୋଟି ପିଲାମାନଙ୍କର ଉପଯୁକ୍ତ ଯତ୍ନ ନେଉ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେଉ, ତେବେ ଯାଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ନିପୁଣ ଭାରତର ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଉଲ୍ଲେଖନୀୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ସହଯୋଗରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ପାଇଁ ଗାଇଡଲାଇନ ଜାରି କରାଯାଇଛି । ଏହି ପଦକ୍ଷେପ ବିକଶିତ ଭାରତର ମାନବ ସମ୍ବଳ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜାତୀୟ ଶିକ୍ଷା ନୀତି ଅଧୀନରେ ଏହି ଗାଇଡଲାଇନ, ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଯୋର୍ ଦେଉଛି । ସମଗ୍ର ଭାରତବର୍ଷରେ ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନୱାଡି କେନ୍ଦ୍ର ରହିଛି । ଏଥିପାଇଁ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀ ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକ ସ୍ପଷ୍ଟତା ପ୍ରଦାନ କରିବ ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଂଚଳରେ ଏହି ମଡେଲକୁ ପ୍ରଭାବଶାଳୀ ଢଙ୍ଗରେ ଆଗକୁ ବଢାଇବା ଦିଗରେ ସମର୍ଥ କରିବ । ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନୱାଡି କର୍ମଚାରୀମାନେ ଯୋଗଦେଇଥିଲେ ।